# ପୌର ପରିଷଦ, ବେଲପାହାଡ଼

ପତ୍ର ସଂ ୧୨୨୩ /ତା ୧୯/୦୯/୨୦୨୫

## ଅଭିବ୍ୟକ୍ତି ପ୍ରକାଶନ

ଏତତ୍ ଦ୍ୱାରା ବେଲପାହାଡ ପୌର ପରିଷଦର ସମସ୍ତ ୧୯ ଗୋଟି ୱାର୍ଡର ମିଶନ ଶକ୍ତି ଗୋଷ୍ଠୀଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, କଠିନ ବର୍ଜ୍ୟ ବସ୍ତୁ ପରିଚାଳନା ଅନ୍ତର୍ଗତ ସ୍ୱଚ୍ଛ କର୍ମୀ ନିଯୋଜନ ସକାଶେ ଇଚ୍ଛୁକ ଓ ନିମ୍ନଲିଖିତ ସର୍ତ୍ତାବଳୀ ପୂରଣ କରୁଥିବା ମିଶନ ଶକ୍ତି ଗୋଷ୍ଠୀ ମାନକଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ଏଣୁ ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠି ଆବଶ୍ୟକୀୟ କାଗଜପତ୍ର/ଦସ୍ତାବିଜ ସହ ତା ୧୯.୦୯.୨୦୨୫ ରିଖ ରୁ ତା ୨୬.୦୯.୨୦୨୫ ରିଖ ସକାଳ ୧୦. ୩୦ ଟା ସୁଦ୍ଧା କେବଳ ସ୍ପୀଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା ପୌର ପରିଷଦ ରେ ଥିବା ଟେଣ୍ଡର ବାକ୍ସ ରେ ସିଧା ସଳଖ ପକେଇ  ଆବେଦନ କରିପାରିବେ । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା ତା ୨୬.୦୯.୨୦୨୫ ରିଖ ଅପରାହ୍ନ ୩.୩୦ ଘଟିକା ସମୟରେ ମିଶନ ଶକ୍ତି ଗୋଷ୍ଠୀ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷ୍ୟରକାରୀଙ୍କ କାର୍ଯ୍ୟାଳୟ ରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ଝାରସୁଗୁଡା ଜିଲ୍ଲା ୱେବସାଇଟ **www.jharsuguda.odisha.gov.in** ରୁ ମଧ୍ୟ ଡାଉନଲୋଡ କରିପାରିବେ ।  ଅଧିକ ଜାଣିବା ପାଇଁ ବେଲପାହାଡ ପୌର ପରିଷଦ କାର୍ଯ୍ୟାଳୟ  ସହ ଯୋଗାଯୋଗ କରି ପାରନ୍ତି।

**ବିଶେଷ ଦ୍ରଷ୍ଟବ୍ୟ**

୧. -ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ବେଲପାହାଡ ପୌର ପରିଷଦ କିମ୍ବା ଜିଲ୍ଲା ଦ୍ୱାରା କୌଣସି ଚୁକ୍ତି ଭିତ୍ତିକ କାର୍ଯ୍ୟ ଯଥା -(ଆହାର, **FSTP** , **MCC**, **MRF**, ଚୁଡା ଛତୁଆ ଇତ୍ୟାଦିରେ ) କୌଣସି କାର୍ଯ୍ୟରେ ସମ୍ପୃକ୍ତ ହୋଇନଥିବେ ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ ।

ନିର୍ବାହୀ ଅଧିକାରୀ,
ପୌର ପରିଷଦ, ବେଲପାହାଡ଼

ପରିପତ୍ର ସଂଖ୍ୟା : ୧୨୨୪ /ତାରିଖ : ୧୯/୦୯/୨୦୨୫

ଏହାର ଏକ କିତା ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତଙ୍କ ଅବଗତି ନିମନ୍ତେ ଛପାଗଲ  । ଏହାର ଏକକିତା ନକଲ ସମସ୍ତ ୱାର୍ଡ ଅଧିକାରୀ, ସିଏମଏମ/ଗୋଷ୍ଠୀ ସଙ୍ଗଠିକା ବେଲପାହାଡ ପୌର ପରିଷଦ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ଉପରୋକ୍ତ ୱାର୍ଡ ର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କର ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇ ଦେବାକୁ ଅନୁରୋଧ ।

ନିର୍ବାହୀ ଅଧିକାରୀ,
ପୌର ପରିଷଦ, ବେଲପାହାଡ଼

ପରିପତ୍ର ସଂଖ୍ୟା : ୧୨୨୫ /ତାରିଖ : ୧୯/୦୯/୨୦୨୫

ଏହାର ଏକକିତା ନକଲ **DEGM** ଝାରସୁଗୁଡାଙ୍କୁ ଜିଲ୍ଲା ୱେବସାଇଟ ରେ ଅପଲୋଡ କରିବା ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ପୌର ପରିଷଦ, ବେଲପାହାଡ଼

ପରିପତ୍ର ସଂଖ୍ୟା : ୧୨୨୨ /ତାରିଖ : ୧୮/୦୮/୨୦୨୪

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ପୌର ପରିଷଦ, ବେଲପାହାଡ଼

ପରିପତ୍ର ସଂଖ୍ୟା : ୧୨୨୨/ତାରିଖ : ୧୮/୦୮/୨୦୨୪

ଏହାର ଏକକିତା ନକଲ ଉପ-ନିର୍ଦ୍ଦେଶକ, I&PR ଓଡିଶା ସରକାର, ଭୁବନେଶ୍ୱର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ଯଥା ୨ ଗୋଟି ଦୈନିକ ଖବର କାଗଜ ର ଏକକ ଏଡିସନ ରେ ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ପୌରପରିଷଦ, ବେଲପାହାଡ଼

ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା ପରିମାପକ ମାନଦଣ୍ଡ

୧- ସମ୍ପୃକ୍ତ ମିଶନ ଶକ୍ତି ଗୋଷ୍ଠୀର ପଞ୍ଜିକରଣ ଅଭିବ୍ୟକ୍ତି ପ୍ରକାଶନର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।
୨ - ପଞ୍ଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ ( ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।
୩ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ଜମା ଖାତା ଥିବ ।
୪ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପରମାନେଣ୍ଟ ଏକାଉଣ୍ଟ (ପାନ ନମ୍ବର ) ଥିବ ।
୫- -କୌଣସି ଆର୍ଥିକ ଅନିୟମିତତା ଯଥା ଋଣ, ଏନ. ପି. ଏ କିମ୍ବା ୱାନ ଟାଇମ ସେଟେଲମେଣ୍ଟ ଘୋଷିତ ହୋଇନଥିବ ।
୬ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସକ୍ରିୟ ଓ ଆର୍ଥିକ ପରିଚାଳନା ଜାଣିଥିବା ଆବଶ୍ୟକ ।
୧ - ଆବେଦନ କରୁଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପୃକ୍ତ ୱାର୍ଡର ହୋଇଥିବେ ।
୭ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ର କୌଣସ୍ୟ ପ୍ରକାର ଅପରାଧିକ ବା ଅସାମାଜିକ ପୂର୍ବକୃତୀ ନ ଥିବା ଦରକାର ।

ଆବେଦନ ପତ୍ର ସହ ଆବଶ୍ୟକ କାଗଜପତ୍ର ପ୍ରଦାନ କରିବେ

- ଆବେଦଙ୍କରୀ ଙ୍କ ପାନ କାର୍ଡ, ଆଧାର କାର୍ଡ , ଭୋଟର କାର୍ଡ, ରାଶାନ କାର୍ଡ ଓ ବ୍ୟାଙ୍କ ପାସ ବୁକ ର ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀ ବ୍ୟାଙ୍କ ପାସବୁକର ଫଟୋକପି (ପ୍ରଥମ ଏବଂ ଶେଷ ପୃଷ୍ଠା)।
- ମିଶନ ଶକ୍ତି ଗୋଷ୍ଠୀ ଗ୍ରୁପ୍ ନାମରେ ଥିବା ନିଜସ୍ୱ ପାନ୍ କାର୍ଡ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର ରିଜୋଲୁସନ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ଶେଷ ୨ବର୍ଷ ର ବ୍ୟାଙ୍କ ଷ୍ଟେଟମେଣ୍ଟ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀ କ୍ୟାଶ୍ ବୁକ୍ ର ଫଟୋକପି ।
- ଘୋଷଣା ପତ୍ର ରେ ଦସ୍ତଖତ କରି ଦାଖଲ ।
-

ନିର୍ବାହୀ ଅଧିକାରୀ,
ପୌର ପରିଷଦ, ବେଲପାହାଡ଼